# ୮

# ଭାରତୀୟ ସଂଘୀୟ ବ୍ୟବସ୍ଥା

ପଞ୍ଚମ ଅଧ୍ୟାୟରେ ତୁମେ ଭାରତ ସମ୍ବିଧାନର ବୈଶିଷ୍ଟ୍ୟ ବିଷୟରେ ଜାଣିଲ ଯେ, ସମ୍ବିଧାନର ପ୍ରଣେତାମାନେ ଗୋଟିଏ ସଂଘୀୟ ପ୍ରଣାଳୀ ଗ୍ରହଣ କରିଥିଲେ ।

ଗୋଟିଏ ସଂଘୀୟ ବ୍ୟବସ୍ଥାରେ ଦୁଇଟି ସରକାର ମଧ୍ୟରେ କ୍ଷମତାର ବଣ୍ଟନ ଓ କାର୍ଯ୍ୟକୁ ସୁନ୍ଦର ଭାବରେ ବିନିଯୋଗ କରାଯାଇଛି । ଏହି ବ୍ୟବସ୍ଥାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ନିଜ ସୀମା ମଧ୍ୟରେ କାର୍ଯ୍ୟ କରୁଛନ୍ତି, ପରସ୍ପରକୁ ସହଯୋଗ କରୁଛନ୍ତି ଓ ସ୍ୱାଧୀନ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି । ସଂଘୀୟ ନୀତି ବିଭିନ୍ନତା ମଧ୍ୟରେ ଏକତା ଆଣିବାରେ ସାମ୍ବିଧାନିକ ବ୍ୟବସ୍ଥାର ପ୍ରଦାନ କରୁଛି ଓ ସାଧାରଣ ଜାତୀୟ ଲକ୍ଷ୍ୟ ପୂରଣ କରିବାରେ ମଧ୍ୟ ସହାୟକ ହେଇଛି ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିଲା ପରେ, ତୁମେ-

- ସଂଘୀୟବାଦର ପ୍ରକୃତିର ପରିଚୟ ଜାଣିବାକୁ ସମର୍ଥ ହେବ ।
- ଭାରତ କାହିଁକି ଗୋଟିଏ ସଂଘୀୟ ବ୍ୟବସ୍ଥା ଗ୍ରହଣ କଲା ତାହା ବର୍ଣ୍ଣନା କରି ପାରିବ ।
- ଭାରତର ସମ୍ବିଧାନ ସଂଘୀୟ ଲକ୍ଷଣଗୁଡ଼ିକ ଜାଣିପାରିବ ।
- ଭାରତର ସଂଘୀୟ ବ୍ୟବସ୍ଥାରେ ଐକିକ ଗୁଣ ଗୁଡ଼ିକ ଜାଣିପାରିବ ।
- କାହିଁକି ଏକ ଦୃଢ଼ କେନ୍ଦ୍ରର ବ୍ୟବସ୍ଥା ହୋଇଛି ତା'ର କାରଣ ଜାଣିପାରିବ ।
- କେନ୍ଦ୍ର ଓ ରାଜ୍ୟ ସରକାରର କାର୍ଯ୍ୟକାରିତା ବିଷୟରେ ଅବଗତ ହେବ ।
- ଭାରତରେ ସଙ୍ଘୀୟ ବ୍ୟବସ୍ଥା ଥିଲେ ମଧ୍ୟ ଏହା କାର୍ଯ୍ୟତଃ ଐକିକ, ସେ ବିଷୟ ବିଶ୍ଳେଷଣ କରିପାରିବ ।
- କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ଅର୍ଥନୈତିକ ସଂପର୍କ ଆଲୋଚନା କରିପାରିବ ।
- କେନ୍ଦ୍ର ସରକାର ରାଜ୍ୟ ସରକାର ଉପରେ କିପରି ପ୍ରଭାବ ବିସ୍ତାର କରେ, ତାହା ପରୀକ୍ଷା କରି ପାରିବ ।
- ବିଭିନ୍ନ ରାଜ୍ୟ ସରକାର ସ୍ୱାଧୀନ ହେବା ପାଇଁ କରିବା ବିଷୟରେ ଅବଗତ ହେବ ।
- ସରକାରିଆ କମିଶନର ପ୍ରସ୍ତାବକୁ ଅନୁଧ୍ୟାନ କରି ପାରିବ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗର ଆବଶ୍ୟକତାର ଆକଳନ କରିପାରିବ ।

## ୮.୧ ଭାରତୀୟ ସଂଘୀୟବାଦର ଲକ୍ଷଣ

ଭାରତୀୟ ସମ୍ବିଧାନ ସଂଘୀୟ ବ୍ୟବସ୍ଥା ଗ୍ରହଣ କରିଅଛି । ଯଦିଓ ତାହା ନୁହେଁ ତଥାପି ଏହା ଗୋଟିଏ ସଙ୍ଘୀୟ ରାଷ୍ଟ୍ର ପ୍ରତିଷ୍ଠା କରିଛି । ଭାରତୀୟ ସମ୍ବିଧାନକୁ ଏକ ସଂଘୀୟ ସମ୍ବିଧାନ କୁହାଯିବ କି ନାହିଁ, ଏହି ପ୍ରଶ୍ନବାଚୀ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟମାନଙ୍କ ମନକୁ ଆନ୍ଦୋଳିତ କରିଥିଲା । ଏହି ପ୍ରଶ୍ନର ଉତ୍ତର ଦେଇ ପାରିବା ନାହିଁ ଯେଉଁ ପର୍ଯ୍ୟନ୍ତ ସଂଘୀୟ ଶବ୍ଦର ଅର୍ଥ ଓ ଆବଶ୍ୟକୀୟ ବୈଶିଷ୍ଟ୍ୟ ବିଷୟରେ ନଜାଣିଛେ । ଚାଲ ପରୀକ୍ଷା କରିବା ଭାରତ ଗୋଟିଏ ସଂଘୀୟ ରାଷ୍ଟ୍ର କି ନୁହେଁ ।

### ୮.୧.୧ ଲିଖିତ ସମ୍ବିଧାନ (Written Constitution)

ରାଷ୍ଟ୍ର ସଂଘର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ, ଏହାର ସମ୍ବିଧାନ ଏକ ଲିଖିତ ସମ୍ବିଧାନ ହେବା ଉଚିତ୍ । ଭାରତର ସମ୍ବିଧାନ ଏକ ଲିଖିତ ଦଲିଲ୍ ଏବଂ ଏହା ପୃଥବୀର ବଡ଼ ବସ୍ତୁତକାର ସମ୍ବିଧାନ । ଏହା ସମ୍ବିଧାନର ସର୍ବୋଚ୍ଚତାକୁ ପ୍ରତିଷ୍ଠା କରିଛି କାରଣ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ବିଧାନ ଦ୍ୱାରା କ୍ଷମତା ପାଇଛନ୍ତି ଯାହା କି, ସମସ୍ତେ ନିଜ ସ୍ତରରେ ସ୍ୱାଧୀନ ଅଟନ୍ତି ।

### ୮.୧.୨ ଅନମନୀୟ ସମ୍ବିଧାନ (Rigid Constitution)


ଗୋଟିଏ ସଂଘୀୟ ବ୍ୟବସ୍ଥାରେ ସମ୍ବିଧାନ ସଂଶୋଧନ କରିବା ପ୍ରଣାଳୀ ସାଧାରଣତଃ ଅନମନୀୟ । କେତେକ ସମ୍ବିଧାନ ସଂଶୋଧନ କରିବା ପାଇଁ ସ୍ୱତନ୍ତ୍ର ସଂଖ୍ୟା ଗରିଷ୍ଠତା ଦରକାର ଯାହା ସମ୍ବିଧାନ ବ୍ୟବସ୍ଥା କରିଛି । ଏହି ସବୁ ସଂଶୋଧନ ବ୍ୟବସ୍ଥା ପାଇଁ ସଂସଦର ସଂଖ୍ୟା ଗରିଷ୍ଠ ମତର ଆବଶ୍ୟକ ଥିବାବେଳେ ଦୁଇ ତୃତୀୟାଂଶ ସଦସ୍ୟଙ୍କ ଉପସ୍ଥିତି ଓ ମତର ବ୍ୟବସ୍ଥା ରହିଛି । ଏତଦ୍ ବ୍ୟତୀତ ୫୦% ରାଜ୍ୟମାନଙ୍କର ଅନୁମୋଦନ ଜରୁରୀ ଅଟେ । ଏହାପରେ ବିଧେୟକ ରାଷ୍ଟ୍ରପତିଙ୍କର ଦସ୍ତଖତ ପାଇଥାଏ । ସେଥିପାଇଁ ଭାରତୀୟ ସଂବିଧାନ ଗୋଟିଏ ଅନମନୀୟ ସମ୍ବିଧାନ ଅଟେ ।

### ୮.୧.୩ କ୍ଷମତାର ବିନ୍ଦ୍ରୀକରଣ

ଆମ ସମ୍ବିଧାନରେ କ୍ଷମତାର ସ୍ୱଚ୍ଛ ବିକେନ୍ଦ୍ରିକରଣ ହୋଇଛି ଯାହା ଫଳରେ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ସ୍ତରରେ ଆଇନ୍ ପ୍ରଣୟନ କରିପାରିବେ । ସେମାନେ ସେମାନଙ୍କର ସୀମା ମଧ୍ୟରେ ରହି ଓ କୌଣସି ପ୍ରକାର ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ ନକରି ନିଜର କାର୍ଯ୍ୟ ସୁରୁରୁ ରୂପେ କରିପାରିବେ । ଆମ ସମ୍ବିଧାନ ତିନୋଟି ତାଲିକା ପ୍ରସ୍ତୁତ କରିଛି ଯଥା - କେନ୍ଦ୍ର ତାଲିକା, ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକା । କେନ୍ଦ୍ର ତାଲିକା କେନ୍ଦ୍ର ଗୁରୁତ୍ୱ ଦେଇଥାଏ । ୯୭ଟି ବିଷୟକୁ ନେଇ ସୃଷ୍ଟି ଯଥା - ସାମରିକ, ରେଳବାଇ, ପୋଷ୍ଟ ଓ ଟେଲିଗ୍ରାଫ୍ ଇତ୍ୟାଦି ଇତ୍ୟାଦି । ରାଜ୍ୟ ତାଲିକା ଆଞ୍ଚଳିକ ସମସ୍ୟାକୁ ନେଇ ସୃଷ୍ଟି ଯାହା ୬୬ଟି ବିଷୟକୁ ନେଇ ଗଠିତ ଯଥା - ସ୍ୱାସ୍ଥ୍ୟ ଓ ପୋଲିସ୍ ଇତ୍ୟାଦି । ଯୁଗ୍ମ ତାଲିକା ଉଭୟ କେନ୍ଦ୍ର ରାଜ୍ୟର ଗୁରୁତ୍ୱ ବହନ କରି ୪୭ଟି ବିଷୟକୁ ନେଇ ଗଠିତ ଯଥା - ଇଲେକ୍ଟ୍ରିସିଟି, ଟ୍ରେଡ୍ ଇଉନିୟନ୍, ଅର୍ଥନୈତିକ ଓ ସାମାଜିକ ଯୋଜନା ଇତ୍ୟାଦି । ।

### ୮.୧.୪ ନ୍ୟାୟପାଳିକାର ଆଧିପତ୍ୟ

ସଂଘୀୟ ବ୍ୟବସ୍ଥାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ସ୍ୱାଧୀନ ନ୍ୟାୟପାଳିକା ଯାହା ସମ୍ବିଧାନକୁ ତର୍ଜମା କରେ ଓ ଏହାର ସ୍ୱଚ୍ଛତା ବଜାୟ ରଖେ । ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉପୁଜୁଥିବା ଗଣ୍ଡଗୋଳର ସମାଧାନ କରେ । ଏହା ଯେ କୌଣସି ଆଇନ୍‌କୁ ଅଣ ସାମ୍ବିଧାନିକ ଭାବେ ଘୋଷଣା କରେ ଯଦି, ଏହା ସାମ୍ବିଧାନିକ ବ୍ୟବସ୍ଥାକୁ ବିରୋଧ କରେ ।



Notes

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୮.୧

୧। ସଂଘୀୟ ବ୍ୟବସ୍ଥାରେ କ୍ଷମତା _______ ରହିଥାଏ ।
(କେନ୍ଦ୍ରରେ, ରାଜ୍ୟରେ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିଭକ୍ତ ହୋଇ)

୨। ସଂଘୀୟ ବ୍ୟବସ୍ଥାରେ _______ ସମ୍ବିଧାନ ଥାଏ । (ଲିଖିତ, ଅଲିଖିତ, କ୍ରମ ବିକାଶ)

୩। ଭାରତୀୟ ସଂବିଧାନରେ _______ ଗୋଟି ତାଲିକା ଅଛି । (୨, ୩, ୪)

୪। ୬୬ଟି ବିଷୟ _______ ତାଲିକାରେ ଅଛି । (କେନ୍ଦ୍ର, ରାଜ୍ୟ, ଯୁଗ୍ମ)

୫। ଯୁଗ୍ମ ତାଲିକାରେ _______ ଗୋଟି ବିଷୟ ଅଛି । (୯୭, ୪୭, ୬୬)

## ୮.୨ ଭାରତର ରାଷ୍ଟ୍ରସଂଘର ପ୍ରକୃତି

ଏସବୁ ସତ୍ତ୍ୱେ ଭାରତର ସମ୍ବିଧାନ ଗୋଟିଏ ସଂଘୀୟ ପ୍ରଣାଳୀ ପ୍ରତିଷ୍ଠା କରିଅଛି । ଏହା ଅତ୍ୟନ୍ତ କଷ୍ଟ ଭାରତର ସଂବିଧାନକୁ ପ୍ରକୃତ ସଂଘୀୟ ଧାରାରେ ଆଲୋଚନା କରିବା । ଭାରତ ସମ୍ବିଧାନର ପ୍ରଣେତାମାନେ ଭାରତର ସଂଘୀୟ ବ୍ୟବସ୍ଥାକୁ ପରିବର୍ତ୍ତନ କରି ସେଥିରେ କେତେକ ଅଣ-ସଂଘୀୟ ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରିଛନ୍ତି । ସେଗୁଡ଼ିକ ହେଲା –

ସମ୍ବିଧାନର ଧାରା ୧ରେ ବର୍ଣ୍ଣନା କରାଯାଇଛି ଯେ, ଭାରତ ହେଉଛି "ରାଜ୍ୟମାନଙ୍କର ସମ୍ମେଳନ" । ଯାହା ଦୁଇଟି ଅର୍ଥ ବୁଝାଏ ପ୍ରଥମତଃ ଏହା ରାଜ୍ୟମାନଙ୍କ ମଧ୍ୟରେ ଗୋଟିଏ ବୁଝାମଣା ନୁହେଁ ଏବଂ ଦ୍ୱିତୀୟତଃ କେନ୍ଦ୍ରଠାରୁ ଅଲଗା ହେବା ପାଇଁ ରାଜ୍ୟମାନଙ୍କର ସ୍ୱାଧୀନତା ନାହିଁ। ଏତଦ୍ ବ୍ୟତୀତ କେନ୍ଦ୍ର ଓ ରାଜ୍ୟର ସମ୍ବିଧାନ ହେଉଛି ଗୋଟିଏ ଏଥିରୁ କେହି ବାହାରି ପାରିବେ ନାହିଁ ଏବଂ ଏହା ମଧ୍ୟରେ ରହି ସମସ୍ତେ କାର୍ଯ୍ୟକରିବେ । ସଂଘୀୟ ବ୍ୟବସ୍ଥା ହେଉଛି ଗୋଟିଏ ମିଶ୍ରଣ, କାରଣ ଏହା ଅବିଭାଜ୍ୟ ଓ ଦେଶର ଏକତା ରକ୍ଷା କ୍ଷେତ୍ରରେ ସହାୟକ ଅଟେ ।

କେନ୍ଦ୍ର ରାଜ୍ୟମାନଙ୍କର ରାଜ୍ୟପାଳମାନଙ୍କୁ ନିଯୁକ୍ତି ଦେଇଥା'ନ୍ତି । ରାଜ୍ୟପାଳକଙ୍କ ଅନୁମୋଦନ କ୍ରମେ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥା କେନ୍ଦ୍ରକୁ ଯାଇପାରେ । ଅନ୍ୟ ଅର୍ଥରେ ରାଜ୍ୟପାଳ ହେଉଛନ୍ତି କେନ୍ଦ୍ରର ପ୍ରତିନିଧି । ଭାରତର ସଂଘୀୟ ବ୍ୟବସ୍ଥାର କାର୍ଯ୍ୟକଳାପରୁ ଜଣାଯାଏ ଯେ, ରାଜ୍ୟର ମୁଖ୍ୟ ପରିବ□ ରାଜ୍ୟପାଳ କେନ୍ଦ୍ରର ପ୍ରତିନିଧି ଭାବରେ ଅଧିକ କାର୍ଯ୍ୟ କରନ୍ତି । ଏଥିରୁ ଜଣାଯାଏ କେନ୍ଦ୍ର ସରକାର ରାଜ୍ୟ ପ୍ରଶାସନ ଉପରେ ନିୟନ୍ତ୍ରଣ ଜାହିର କରିଥାଏ । ଜାତୀୟ ଜରୁରୀ ଅବସ୍ଥା ଜାରି ପରେ କେନ୍ଦ୍ର ରାଜ୍ୟ ଉପରେ ନିୟନ୍ତ୍ରଣ କରିଥାଏ ।

ସଂଘୀୟ ବ୍ୟବସ୍ଥାପକର ଉଚ୍ଚ କକ୍ଷରେ ସମାନ ସଂଖ୍ୟକ ପ୍ରତିନିଧିତ୍ୱ ଦ୍ୱାରା ସଂଘୀୟ ବ୍ୟବସ୍ଥାର ପ୍ରତ୍ୟେକ ସ୍ତରରେ ସମାନତା ପ୍ରତିପାଦିତ ହୋଇଥାଏ । ଏହା ଭାରତୀୟ ରାଜ୍ୟମାନଙ୍କ ମଧ୍ୟରେ ଗ୍ରହଣୀୟ ନୁହେଁ । ରାଜ୍ୟସଭାରେ ଅସମାନ ପ୍ରତିନିଧିତ୍ୱ ଦେଖିବାକୁ ମିଳେ । ଗୋଟିଏ ପ୍ରକୃତ ସଂଘୀୟ ବ୍ୟବସ୍ଥା ଯଥା ଆମେରିକାର ପ୍ରତ୍ୟେକ ରାଜ୍ୟର ଆକୃତି କିମ୍ବା ଜନସଂଖ୍ୟା ବ୍ୟତିରକେ ଏହା ଦୁଇଜଣ ପ୍ରତିନିଧି ସିନେଟ୍‌କୁ ପଠାଇଥା'ନ୍ତି ।

ଏସବୁ ସତ୍ତ୍ୱେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଯଥା – ମୁଖ୍ୟ ନିର୍ବାଚନ ଆୟୋଗ ଓ କଣ୍ଟ୍ରୋଲ୍‌ର ଓ ଅଡ଼ିଟର୍ ଜେନେରାଲ୍ କେନ୍ଦ୍ର ସରକାର ଦ୍ୱାରା ହୋଇଥାଏ । ଏକକ ନାଗରିକତ୍ୱ ପ୍ରଚଳିତ ଥିବା ସତ୍ତ୍ୱେ ରାଜ୍ୟମାନଙ୍କ କୌଣସି ପ୍ରକାର ଅଲଗା ସମ୍ବିଧାନ ବ୍ୟବସ୍ଥା ନାହିଁ । ସମ୍ବିଧାନକୁ ସଂଶୋଧନ କରିବା ପାଇଁ ରାଜ୍ୟ ପ୍ରସ୍ତାବ ପଠାଇ ପାରିବେ ନାହିଁ । କେନ୍ଦ୍ରୀୟ ସଂସଦ କେବଳ ସଂଶୋଧନ ପ୍ରସ୍ତାବ ଆଣିପାରିବ ।

ସଂଘୀୟ ବ୍ୟବସ୍ଥାର କ୍ଷତି ବିନା ପ୍ରଶାସନିକ ବ୍ୟବସ୍ଥାର ଏକତା ବିରର ବଜାୟ ରଖିବା ଓ ସର୍ବନିମ୍ନ ସାଧାରଣ ପ୍ରଶାସନିକମାନ ବଜାୟ ରଖିବା ଆବଶ୍ୟକ । ସର୍ବ ଭାରତୀୟ ସେବା ଯଥା, ଆଇ.ଏ.ଏସ୍. ଓ ଆଇ.ପି.ଏସ୍. ସେବା ସୃଷ୍ଟି କରି ଯାହା କେନ୍ଦ୍ର ସରକାର ଅଧିନରେ ରଖାଯାଏ । ଅର୍ଥନୈତିକ କ୍ଷେତ୍ରରେ ରାଜ୍ୟ ସର୍ବଦା କେନ୍ଦ୍ର ଉପରେ ନିର୍ଭର କରେ । ରାଜ୍ୟ ତାର ସମସ୍ତ ଆବଶ୍ୟକତା ପୂରଣ ପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ସଂଗ୍ରହ କରିପାରେ ନାହିଁ । ଅର୍ଥନୈତିକ ଜରୁରୀ ବ୍ୟବସ୍ଥା ସମୟରେ କେନ୍ଦ୍ର ରାଜ୍ୟ ଅର୍ଥନୀତି ଉପରେ ପୂର୍ଣ୍ଣ ନିୟନ୍ତ୍ରଣ କରିଥାଏ ।

ଯଦି ରାଜ୍ୟର କୌଣସି ଅଞ୍ଚଳରେ ଅଶାନ୍ତ ଦେଖାହେଲା କେନ୍ଦ୍ର କେନ୍ଦ୍ରୀୟ ଫୋର୍ସ୍‌କୁ ପଠାଇବାର କ୍ଷମତା ରହିଛି । ସଂସଦ ଆଇନ୍ ମାଧ୍ୟମରେ ଗୋଟିଏ ରାଜ୍ୟର ପରିସୀମା ବୃଦ୍ଧି କିମ୍ବା କମ୍ କରିପାରେ ଓ ଏହାର ନାମ ମଧ୍ୟ ପରିବର୍ତ୍ତନ କରିପାରେ ।

ସଂଘୀୟ ନୀତି ଅନୁସାରେ ଦ୍ୱୈତ ନ୍ୟାୟପାଳିକା ବ୍ୟବସ୍ଥା ରହିବା କଥା କିନ୍ତୁ, ଭାରତରେ ଆମର ଐକିକ ନ୍ୟାୟପାଳିକା ବ୍ୟବସ୍ଥା ରହିଛି । ସର୍ବୋଚ୍ଚ ନ୍ୟାୟପାଳିକା ଶୀର୍ଷସ୍ଥାନ ସହିତ ।

ଭାରତର ସଂବିଧାନର ବ୍ୟବସ୍ଥାରେ ଅନୁସାରେ କେନ୍ଦ୍ର ତାଲିକାରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ କେନ୍ଦ୍ରକୁ ପ୍ରଦାନ କରାଯାଇଛି ଯାହା ଫଳରେ ଏକ ଦୃଢ଼ କେନ୍ଦ୍ର ଗଠନ କରାଯାଇଛି । ରାଜ୍ୟ ସରକାରର ସୀମିତ କ୍ଷମତା ରହିଛି । ଅର୍ଥନୈତିକ କ୍ଷେତ୍ରରେ ସବୁ ରାଜ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି ।

ଉପରିସ୍ଥ ଆଲୋଚନାରୁ ଜଣାଗଲା ଯେ, ରାଜ୍ୟ ସରକାରମାନେ ନିଜ ସ୍ୱାର୍ଥ ପାଇଁ ସର୍ବଦା କେନ୍ଦ୍ର ସପକ୍ଷରେ ରହିବେ । ସମସ୍ତ ରାଜ୍ୟ କେନ୍ଦ୍ର ସହିତ ସୁସଂପର୍କ ରଖି କାର୍ଯ୍ୟ କରିବେ । ଏହା କୁହାଯାଇପାରେ ଯେ, ଭାରତର ସଂବିଧାନର ଗଠନ ପ୍ରଣାଳୀ ସଂଘୀୟ ଓ କାର୍ଯ୍ୟତଃ ଐକିକ ସାମ୍ବିଧାନିକ ବିଶେଷଜ୍ଞମାନଙ୍କ ମତରେ ଭାରତ ଏକ "ଅର୍ଦ୍ଧସଂଘ ।"

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୮.୨

ଶୂନ୍ୟସ୍ଥାନ ପୂରଣ କର ।

୧। ଆଇନ୍ ଦ୍ୱାରା ________ ରାଜ୍ୟର ପରିସୀମା ପରିବର୍ତ୍ତନ କରିପାରିବ ।
(ସଂସଦ, ରାଜ୍ୟ ବିଧାନ ସଭା, ମହା ନଗର ନିଗମ)


୨। ସର୍ବ ଭାରତୀୟ ସେବା ଆୟୋଗ ________ ଅଧୀନରେ ଥାଏ ।
(କେନ୍ଦ୍ର ସରକାର, ରାଜ୍ୟ ସରକାର, ଜିଲ୍ଲା ସରକାର)

୩। ସଂଘୀୟ ବ୍ୟବସ୍ଥାରେ ଉଚ୍ଚ ଗୃହରେ ________ ପ୍ରକାର ପ୍ରତିନିଧିତ୍ୱ ବ୍ୟବସ୍ଥା ରହିଥାଏ ।
(ଅସମାନତା, ସମାନ, ସମାନୁପାତିକ)

## ୮.୩ କେନ୍ଦ୍ର - ରାଜ୍ୟ ସଂପର୍କ

ଆମେ ଦେଖିଲେ ଯେ, ଭାରତର ସମ୍ବିଧାନ ସଂଘୀୟ ବ୍ୟବସ୍ଥା ପ୍ରଚଳନ କରିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସମ୍ବିଧାନ ଦ୍ୱାରା ସୃଷ୍ଟି ଓ ସେମାନଙ୍କ କର୍ତ୍ତୃତ୍ୱ ମଧ୍ୟ ସମ୍ବିଧାନରୁ ପାଇଛନ୍ତି । ଯଦିଓ ଏହା ସମାଲୋଚନା ଅଛି ଯେ ଭାରତ ଗୋଟିଏ ସଂଘୀୟ ରାଷ୍ଟ୍ର କିନ୍ତୁ ଐକିକ ଲକ୍ଷଣକୁ ନେଇ ଏହି ସମାଲୋଚନା କେତେ ଦୂର ସତ୍ୟ ? ଏହା ଜାଣିବା ପାଇଁ ଆମେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ସଂପର୍କ ବିଷୟରେ ଆଲୋଚନା କରିବା ।

ସମ୍ବିଧାନର ଏକାଦଶ ଓ ଦ୍ୱାଦଶ ଅଧ୍ୟାୟରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ସଂପର୍କ ବିଷୟରେ ଆଲୋଚନା କରାଯାଇଛି ଯାହା ସଂଘବାଦର ମୁଖ୍ୟ ବ୍ୟବସ୍ଥା । ଏହି ସଂପର୍କକୁ ତିନି ଭାଗରେ ବିଭକ୍ତ କରାଯାଇଛି ।



Notes

ଯଥା - ବ୍ୟବସ୍ଥାପିକା, ପ୍ରଶାସନିକ ଓ ଅର୍ଥନୈତିକ ସଂପର୍କ ଆସ ଗୋଟିକ ପରେ ଗୋଟିଏ ଆଲୋଚନା କରିବା ।

## ୮.୩.୧ ବ୍ୟବସ୍ଥାପିକା ସଂପର୍କ

ସମ୍ବିଧାନରେ ବ୍ୟବସ୍ଥାପିକା ସଂପର୍କକୁ ନେଇ କ୍ଷମତାକୁ ତିନୋଟି ବିଭାଗରେ ବିଭକ୍ତ କରାଯାଇଛି । ଆମେ ଏପରି ଏକ ବ୍ୟବସ୍ଥାକୁ ଅନୁସରଣ କରୁଛେ ଯେପରି ବ୍ୟବସ୍ଥାପିକା କ୍ଷମତାଗୁଡିକ ଦୁଇଟି ତାଲିକାରେ ରହିଛି ଯଥା - ଗୋଟିଏ କେନ୍ଦ୍ର ପାଇଁ ଓ ଅନ୍ୟଟି ରାଜ୍ୟ ପାଇଁ ଯଥା କ୍ରମରେ କେନ୍ଦ୍ର ତାଲିକା ଓ ରାଜ୍ୟ ତାଲିକା ଅନ୍ୟ ଗୋଟିଏ ତାଲିକା ସଂଯୋଗ କରାଯାଇଛି ଯାହାକୁ ଯୁଗ୍ମ ତାଲିକା କୁହାଯାଏ ।

କେନ୍ଦ୍ର ତାଲିକା ୯୭ଟି ଜାତୀୟ ଗୁରୁତ୍ୱକୁ ନେଇ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି ଯାହା ତିନୋଟି ତାଲିକା ମଧ୍ୟରୁ ବୃହତ୍ ଅଟେ । ସେଥି ମଧ୍ୟରୁ  ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସାମରିକ, ରେଳ, ପୋଲିସ୍ ଟେଲିଗ୍ରାମ୍, ଆୟକର ବିଭାଗ ଇତ୍ୟାଦି । ସଂସଦର କେନ୍ଦ୍ର ତାଲିକା ଉପରେ ଆଇନ୍ ପ୍ରଣୟନ କରିବାର କେବଳ ଏକୁଟିଆ କ୍ଷମତା ରହିଅଛି ।

ରାଜ୍ୟ ତାଲିକାରେ *୬୬*ଟି ଆଞ୍ଚଳିକ ଗୁରୁତ୍ୱ ଥିବା ବିଷୟ ରହିଅଛି । ସେମାନଙ୍କ ମଧ୍ୟରୁ କେତେକ ବିଷୟରେ ହେଲା ଶିକ୍ଷ ଓ ବାଣିଜ୍ୟ ରାଜ୍ୟ ମଧ୍ୟରେ, ପୋଲିସ୍, ମତ୍ସ୍ୟ, ଜଙ୍ଗଲ ଇତ୍ୟାଦି । ରାଜ୍ୟ ବିଧାନ ସଭା ରାଜ୍ୟ ତାଲିକା ଉପରେ ଆଇନ୍ ପ୍ରଣୟନ କରିବାର କ୍ଷମତା ରହିଛି । ।

ଯୁଗ୍ମ ତାଲିକା ୪୭ଟି ବିଷୟ ଯାହା ସାଧାରଣ ଗୁରୁତ୍ୱ ଉଭୟ କେନ୍ଦ୍ର ଓ ରାଜ୍ୟ ପାଇଁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । କେତେକ ବିଷୟ ଯଥା - ଷ୍ଟାମ୍ପ୍ ଡ୍ୟୁଟି, ଇଲେକ୍ଟ୍ରିକ୍ ସିଟ୍ ଓ ସମ୍ବାଦ ପତ୍ର ଇତ୍ୟାଦି ଉଭୟ କେନ୍ଦ୍ର ଓ ରାଜ୍ୟ ଯୁଗ୍ମ ତାଲିକା ଉପରେ ଆଇନ୍ ପ୍ରଣୟନ କରିପାରିବେ କିନ୍ତୁ ଯଦି ଗୋଟିଏ ବିଷୟକୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ସୃଷ୍ଟି ହେଲା ତେବେ କେନ୍ଦ୍ର ଆଇନ୍ ବଳବତ୍ତର ରହିବ । ତିନୋଟି ତାଲିକା ମଧ୍ୟରେ ସ୍ଥାନ ପାଇ ନଥିବା ବିଷୟ ଉପରେ ସଂସଦ ଆଇନ୍ ପ୍ରଣୟନ କରିପାରିବ ।

କେତେକ ନିର୍ଦ୍ଦିଷ୍ଟ ସମୟରେ ସଂସଦ ରାଜ୍ୟ ତାଲିକା ଉପରେ ଆଇନ୍ ପ୍ରଣୟନ କରିପାରିବ ।

## ୮.୩.୨ ପ୍ରଶାସନିକ ସଂପର୍କ

ସମ୍ବିଧାନରେ ପ୍ରଣେତାମାନେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ପ୍ରଶାସନିକ ସହଯୋଗ ଓ ପ୍ରଶାସନିକ ସହମତି ପାଇଁ ସୁଯୋଗ ସୃଷ୍ଟି କରିନାହାଁନ୍ତି ।

ରାଜ୍ୟର କାର୍ଯ୍ୟପାଳିକା କ୍ଷମତାକୁ  ଏପରି ଭାବରେ କାର୍ଯ୍ୟକାରୀ କରାଯିବ ଯେପରି ସଂସଦ ଦ୍ୱାରା ପ୍ରସ୍ତୁତ ହେଉଥିବା ଆଇନ୍‌କୁ ସ୍ୱୀକାର କରିବ । ପୁନଶ୍ଚ କେନ୍ଦ୍ର କାର୍ଯ୍ୟପାଳିକାର କ୍ଷମତା ରହିଛି ରାଜ୍ୟକୁ ନିର୍ଦ୍ଦେଶ ଦେବ ଯଦି ଆବଶ୍ୟକ ହୁଏ କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଉଦ୍ଦେଶ୍ୟରେ ।

କେନ୍ଦ୍ର ସରକାର ରାଜ୍ୟ ସରକାରକୁ ନିର୍ଦ୍ଦେଶ ଦେଇପାରିବେ । ଯୋଗାଯୋଗ କ୍ଷେତ୍ରରେ ନିର୍ମାଣ ଓ ମରାମତି, ଜାତୀୟ ଓ ସାମରିକ କ୍ଷେତ୍ରରେ ଘୋଷଣା ଓ  ରେଳବାଇର ସୁରକ୍ଷା କ୍ଷେତ୍ରରେ ପଦକ୍ଷେପ  ନେବା ପାଇଁ ସଂସଦ ଦ୍ୱାରା ପ୍ରଣୀତ ଆଇନ୍‌କୁ ସ୍ୱୀକାର କରିବା । ସଂସଦ ମଧ୍ୟ ଆନ୍ତରାଜ୍ୟ ନଦୀ ସମସ୍ୟା ଉପରେ ଆଇନ ପ୍ରଣୟନ କରିପାରିବେ । ଗୋଟିଏ ଆନ୍ତରାଜ୍ୟ ସଂଗଠନ ଗଠନ କରି ରାଷ୍ଟ୍ରପତିଙ୍କୁ ଆନ୍ତରାଜ୍ୟ ମଧ୍ୟରେ ଉପୁଜୁଥିବା ବିବାଦର ସମାଧାନର ଉପଦେଶ ପ୍ରଦାନ କରିବା ।

ଗୋଟିଏ ନିର୍ଦ୍ଦିଷ୍ଟ ସମୟ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରକୁ ପ୍ରଶାସନିକ କ୍ଷମତା ହସ୍ତାନ୍ତର କରିବାର ବ୍ୟବସ୍ଥା ରହିଛି ।

ଭାରତର ସମ୍ବିଧାନ କେତେକ ବିଶେଷ ବ୍ୟବସ୍ଥା କରିଅଛି ଯାହା ଫଳରେ ପ୍ରଶାସନିକ ବ୍ୟବସ୍ଥାର ସମାନତା ଅଣାଯାଇପାରିବ । ସେଥି ମଧ୍ୟରୁ ସର୍ବଭାରତୀୟ ସେବା ଦ୍ୱାରା ସୃଷ୍ଟି ଆଇ. ଏ. ଏସ୍. ଓ ଆଇ. ପି. ସ୍ ଓ ସେମାନଙ୍କର ବିଭିନ୍ନ ରାଜ୍ୟ ପ୍ରଶାସନରେ ନିଯୁକ୍ତି । ସର୍ବଭାରତୀୟ ଅଫିସରମାନଙ୍କର ଉପସ୍ଥିତି ଯୋଗୁ କେନ୍ଦ୍ର ସରକାର ରାଜ୍ୟ ସରକାର ଉପରେ ନିଜର କର୍ତ୍ତୃତ୍ୱ ଓ ନିୟନ୍ତ୍ରଣ ଜାହିର କରିପାରୁଛନ୍ତି ସେମାନଙ୍କ ବିରୁଦ୍ଧରେ କେନ୍ଦ୍ର ସରକାର ବିନା ଅନୁମତିରେ ରାଜ୍ୟ ସରକାର କୌଣସି ପ୍ରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ । ସମ୍ବିଧାନର ବ୍ୟବସ୍ଥା ବଳରେ ରାଜ୍ୟସଭାର ସୁପାରିଶ ବଳରେ ସଂସଦ ଦ୍ୱାରା ନୂତନ ସର୍ବ ଭାରତୀୟ ସେବା ସୃଷ୍ଟି ହୋଇପାରିବ । ରାଷ୍ଟ୍ରପତି ରାଜ୍ୟ ପ୍ରଶାସନିକ ବ୍ୟବସ୍ଥା ସମସ୍ତ ନିୟନ୍ତ୍ରଣ କେନ୍ଦ୍ର ହାତରେ ପ୍ରଦାନ କରିଅଛନ୍ତି ଯାହା ଆମେ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରିବା ।

ତୁମକୁ ପୁଣି ଥରେ ମନେ ପକାଇ ଦେଇଛୁ ଯେ, କେନ୍ଦ୍ର କାର୍ଯ୍ୟପାଳିକା ରାଜ୍ୟକୁ ନିର୍ଦ୍ଦେଶ ଦେବାର କ୍ଷମତା ପ୍ରଦାନ କରାଯାଇଛି ଯଦି କେନ୍ଦ୍ର ସରକାରର କୌଣସି ଆବଶ୍ୟକତା ଦରକାର ପଡେ । କେନ୍ଦ୍ର ସରକାରର କ୍ଷମତା ରହିଛି ରାଜ୍ୟର ନିର୍ଦ୍ଦିଷ୍ଟ ବିଷୟରେ ନିର୍ଦ୍ଦେଶ ଦେବାପାଇଁ ଓ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥା ଉପରେ ହସ୍ତକ୍ଷେପ କରିପାରିବ ରାଜ୍ୟ ସରକାରର ଅନୁରୋଧ କ୍ରମେ କେନ୍ଦ୍ରିୟ ପୋଲିସ୍ ଓ ସାମରୀକ ବାହିନୀକୁ ରାଜ୍ୟରେ ନିଯୁକ୍ତି ଦିଆଯାଇଥାଏ । ରାଜ୍ୟର ଇଚ୍ଛା ବିରୁଦ୍ଧରେ ଅନେକ ସମୟରେ B.S.F.ମାନଙ୍କୁ ରାଜ୍ୟମାନଙ୍କରେ ନିଯୁକ୍ତି ଦିଆଯାଇଥାଏ । ତେଣୁ କେନ୍ଦ୍ର ସରକାର ରାଜ୍ୟ ପ୍ରଶାସନ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ୮. ୩. ୩ ଅର୍ଥନୈତିକ ସଂପର୍କ

ରାଜ୍ୟର କେନ୍ଦ୍ର ସହିତ ଅର୍ଥନୈତିକ ସମ୍ବନ୍ଧକୁ ନେଇ ବଣ୍ଟନର ବ୍ୟବସ୍ଥାକୁ ପ୍ରତିପାଦନ କରିବା କଷ୍ଟକର ଅଟେ । ସମ୍ବିଧାନ ଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ରାଜସ୍ୱ ବ୍ୟବସ୍ଥାର ସ୍ୱାଧୀନତା ପ୍ରଦାନ କରାଯାଇଛି । ସଂସଦ କେନ୍ଦ୍ର ତାଲିକା ଉପରେ ଟିକସ ବସାଇ ପାରିବ । ରାଜ୍ୟ ରାଜ୍ୟ ତାଲିକା ଉପରେ ଟିକସ ବସାଇ ପାରିବେ । ରାଜ୍ୟ ରାଜ୍ୟ ମଧ୍ୟରେ ଟିକସ କେନ୍ଦ୍ର ବସାଇଲାବେଳେ, ଆଞ୍ଚଳିକ ସ୍ତରରେ ଥିବା ଟିକସ ରାଜ୍ୟ ବସାଇଥାଏ ।

କେନ୍ଦ୍ର ତାଲିକା ଅଧିନରେ ଆସୁଥିବା ଟିକସଗୁଡିକ ବିଷୟରେ ନିମ୍ନରେ ଆଲୋଚନା କରାଗଲା ।


୧। କର କେନ୍ଦ୍ର ସରକାର ଧାର୍ଯ୍ୟ କରେ ମାତ୍ର ରାଜ୍ୟ ସରକାର ଆଦାୟ କରି ଖର୍ଚ୍ଚ କରେ । ଯଥା – ଷ୍ଟାମ୍ପ ଡ୍ୟୁଟି ଓ ଔଷଧ ଇତ୍ୟାଦି ଉପରେ ଅବକାରୀ ଶୁଳ୍କ ।

୨। ଟିକସ୍ କେନ୍ଦ୍ର ସରକାର ଦ୍ୱାରା ଧାର୍ଯ୍ୟ ଓ ଆଦାୟ କରାଯାଏ କିନ୍ତୁ ରାଜ୍ୟ ସରକାରକୁ ଦିଆଯାଏ ଯଥା – ରେଳବାଇ, ସମୁଦ୍ର ଓ ବାୟୁ ।

୩। ଟିକସ୍ କେନ୍ଦ୍ର ସରକାର ଧାର୍ଯ୍ୟ ଓ ଆଦାୟ କରନ୍ତି ଏବଂ କେନ୍ଦ୍ର ଓ ରାଜ୍ୟ ମଧ୍ୟ ବ[ନ କରାଯାଏ ଯଦି ସଂସଦ ଦ୍ୱାରା ଆଇନ୍ ପ୍ରଶାସନ ହୁଏ ।

୪। କର ଧାର୍ଯ୍ୟ, ଆଦାୟ ଓ କେନ୍ଦ୍ର ସରକାର ପାଖରେ ରହିଥାଏ ।

୫। କର ଧାର୍ଯ୍ୟ ଓ ଆଦାୟ କେନ୍ଦ୍ର ସରକାର ଦ୍ୱାରା ହୋଇଥାଏ ଓ ଏହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବଣ୍ଟାଯାଇଥାଏ ।



Notes

ଏହା ସତ୍ୟ ଯେ, କେନ୍ଦ୍ର ଅର୍ଥନୈତିକ କ୍ଷେତ୍ରରେ ଅଧିକ ଶକ୍ତିଶାଳୀ । କେନ୍ଦ୍ର ରାଜ୍ୟ ଅର୍ଥନୈତିକ ବ୍ୟବସ୍ଥା ଓ ଅନୁଦାନ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ କରିଥାଏ । ଅର୍ଥନୈତିକ ଜରୁରୀ ପରିସ୍ଥିତି ସମୟରେ, ରାଷ୍ଟ୍ରପତି ହାତରେ କ୍ଷମତା ରହିଛି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ଟିକସ୍ ବଣ୍ଟନକୁ ରଦ୍ଦ କରିପାରିବେ । ସେ ମଧ୍ୟ ରାଜ୍ୟର ଅନ୍ୟସବୁ ଖର୍ଚ୍ଚ ଉପରେ ନିୟନ୍ତ୍ରଣ କରିପାରିବେ ।

ରାଜ୍ୟ ଯୋଜନା କେନ୍ଦ୍ର ଯୋଜନାକୁ ଦେଖି ହୋଇଥାଏ ଏବଂ ଯୋଜନା ଆୟୋଗର ଅନୁମୋଦନ କ୍ରମେ ସେ ସବୁ କାର୍ଯ୍ୟକାରୀ ହୁଏ । ପୁନଶ୍ଚ ରାଜ୍ୟ କେନ୍ଦ୍ରୀୟ ଯୋଜନାକୁ କାର୍ଯ୍ୟକାରୀ କରନ୍ତି ଯାହାକୁ କେନ୍ଦ୍ରୀୟ ଅନୁଦାନ ମିଳିଥାଏ । ଯୋଜନା ଆୟୋଗ କେନ୍ଦ୍ରୀୟ ଯୋଜନା ବ୍ୟବସ୍ଥା ସୃଷ୍ଟି କରିଥାଏ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୮.୩

**ଶନ୍ୟସ୍ଥାନ ପୂରଣ କର ।**

୧। କେନ୍ଦ୍ର ତାଲିକା ________ଗୋଟି ବିଷୟ ନେଇ ଗଠିତ । (୯୭, ୯୬, ୪୭)

୨। ପୋଷ୍ଟ୍ ଏବଂ ଟେଲିଗ୍ରାଫ୍ ବିଷୟ ________ ବିଷୟର ଅନ୍ତର୍ଭୁକ୍ତ । (କେନ୍ଦ୍ର, ରାଜ୍ୟ, ଯୁଗ୍ମ)

୩. ________ ରାଜ୍ୟ ତାଲିକା ଉପରେ ଆଇନ୍ ପ୍ରଣୟନ କରିପାରିବ ଯେତେବେଳ ରାଷ୍ଟ୍ରପତି ଶାସନ ଜାରି ହୋଇଥିବ ।(ବିଧାନ ସଭା, ସଂସଦ, ଉଭୟ)

୪। ଟ୍ରେଡ୍ ଓ କମର୍ସ ବିଷୟ ________ ବିଷୟର ଅନ୍ତର୍ଭୁକ୍ତ । (କେନ୍ଦ୍ର, ରାଜ୍ୟ, ଯୁଗ୍ମ)

## ୮.୪ ରାଜ୍ୟମାନଙ୍କର ସ୍ୱାତନ୍ତ୍ୟ ଦାବି

ସମ୍ବିଧାନର ପ୍ରଣେତାମାନେ ଦେଶର ଏକତା ଓ ଅଖଣ୍ଡତା ପ୍ରତି ପୂର୍ଣ୍ଣ ସଚେତନ ଥିଲେ । ସେମାନେ ଦେଶରେ ଏକତା ଓ ଅଖଣ୍ଡତା ନଷ୍ଟ କରିବା ଶକ୍ତି ପ୍ରତି ସତର୍କ ଥିଲେ । ସେଥିପାଇଁ ସମ୍ବିଧାନର ପ୍ରଣେତାମାନେ କେନ୍ଦ୍ରକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଇଥିଲେ । ସେହି ସମୟରେ ସେମାନେ ସହଯୋଗୀ ସଂଘୀୟ ବ୍ୟବସ୍ଥା ପ୍ରତିଷ୍ଠା କରିବାର ବ୍ୟବସ୍ଥା କରିଥିଲେ ।

ଭାରତୀୟ ସଂଘୀୟ ବ୍ୟବସ୍ଥାର ପାଞ୍ଚ ଦଶନ୍ଧିର କାର୍ଯ୍ୟକଳାପରୁ ଜଣାପଡେ ଯେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ସଂପର୍କ ସର୍ବଦା ସୁସ୍ଥ ନଥିଲା ।

କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସଂପର୍କ ସ୍ଥାପନ କରିବା ପାଇଁ ପ୍ରଶାସନିକ ସଂସ୍କାର ଆୟୋଗ ଓ ଅନେକ ଆୟୋଗ ଭାରତ ସରକାରଙ୍କ ଦ୍ୱାରା ଗଠନ କରାଯାଇଥିଲା । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସଂପର୍କର ଉନ୍ନତିର ପାଇଁ କେନ୍ଦ୍ର ସରକାର ସରକାରିଆ ଆୟୋଗ ଗଠନ କରିଥିଲେ ।

ସରକାରି ଆୟୋଗ ବ୍ୟବସ୍ଥାପିକା, ପ୍ରଶାସନିକ ଓ ଅର୍ଥନୈତିକ ସଂପର୍କ ଉପରେ କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ । ଏହା ଅନୁଭବ କରାଯାଏ ଯେ ସଂଘବାଦ ସହଯୋଗ ଭିତିରେ କାର୍ଯ୍ୟପନ୍ଥା ନିରୂପଣ କରିବା କଥା। ସ୍ଥାୟୀ ଆନ୍ତ-ରାଜ୍ୟ ପରିଷଦ ଗଠନ ସମକ୍ଷରେ ଆୟୋଗ ମତ ଦେଇଥିଲେ । ଏହା ବ୍ୟତୀତ, ଏହା ଆଶା କରାଯାଏ ଯେ, କେନ୍ଦ୍ର ଓ ରାଜ୍ୟ ଉଭୟ ପଛୁଆ ଅଞ୍ଚଳର ଉନ୍ନତି ପାଇଁ ଅଧିକ ତତ୍ପର ହେବା ଉଚିତ । ଯଦି ଏହି ସବୁ ପଛୁଆ ଅଞ୍ଚଳର ଅର୍ଥନୈତିକ ଉନ୍ନତି ଯୋଜନା ଅନୁସାରେ ହୁଏ । ତେବେ ବିଭାଜ୍ୟ ହେବାର ମନୋବୃତ୍ତି ଆପେ ଆପେ ଦୂର ହୋଇଯିବ ।

କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ରହୁଥିବା ବିଭେଦ ଆପୋଶ ବୁଝାମଣା ଦ୍ୱାରା ସମାଧାନ ହୋଇପାରିବ । ରାଜ୍ୟମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ଅଧିକ ପ୍ରୋତ୍ସାହନ ଦିଆଯିବାର ବ୍ୟାପସ୍ଥା କରାଯାଇପାରନ୍ତା । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସଂପର୍କର ଉନ୍ନତି ପାଇଁ ଅର୍ଥନୈତିକ କ୍ଷେତ୍ରରେ ଉଦାରୀକରଣ ସୁବିଧାଜନକ ସମ୍ବିଧାନ ସଂଶୋଧନର ଆବଶ୍ୟକତା ଜରୁରୀ ଅଟେ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୮.୪

ଶୂନ୍ୟସ୍ଥାନ ପୂରଣ କର ।

୧। ସମ୍ବିଧାନର ସଂଶୋଧନ ବ୍ୟବସ୍ଥା ________ ସରକାର ଦ୍ୱାରା ପଦକ୍ଷେପ ନିଆଯାଇପାରିବ ।

୨। ଭାରତ ସମ୍ବିଧାନ ଏକ ________ ସ୍ୱତନ୍ତ୍ର୍ୟ ଦାବି କରୁଛନ୍ତି ।

୩। ରାଜ୍ୟମାନେ ________ ସ୍ୱତନ୍ତ୍ର୍ୟ ଦାବି କରୁଛନ୍ତି ।

୪। ________ ଆୟୋଗ କେନ୍ଦ୍ର-ରାଜ୍ୟ ସଂପର୍କୀତ ତଥ୍ୟ ଉପସ୍ଥାପନ କରିଛନ୍ତି ।

## ତୁମେ କ'ଣ ଶିକ୍ଷା କଲ

ଗୋଟିଏ ସଂଘୀୟ ଶାସନ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତାର ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି । ଗୋଟିଏ ଲିଖିତ ଓ ନମନୀୟ ସମ୍ବିଧାନ ଓ ସ୍ୱାଧୀନ ଓ ନିରପେକ୍ଷ ବିଚାରାଳୟ ଯାହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ କରିପାରିବ ତାହାର ମଧ୍ୟ ଆବଶ୍ୟକତା ଅଛି । ଯଦିଓ ଭାରତୀୟ ସମ୍ବିଧାନର ସମସ୍ତ ସଂଘୀୟ ଲକ୍ଷଣ ରହିଛି । ତଥାପି ଏହାକୁ ଗୋଟିଏ ସଂପୂର୍ଣ୍ଣ ସଂଘୀୟ ବ୍ୟବସ୍ଥା କହିବା କଷ୍ଟକର ଅଟେ ।

ସମ୍ବିଧାନର ପ୍ରଣେତାମାନେ କେତେକ ସଂଘୀୟ ବ୍ୟବସ୍ଥାର ଲକ୍ଷଣ ନୁହେଁ ସେଗୁଡିକ ଅନ୍ତର୍ଭୁକ୍ତ କରିଛନ୍ତି ଯଥା ଏକକ ନାଗରିକତ୍ୱ, ଏକକ ନ୍ୟାୟପାଳିକା, ଦୃଢ଼ କେନ୍ଦ୍ର, ରାଷ୍ଟ୍ରପତିଙ୍କ ଦ୍ୱାରା ରାଜ୍ୟପାଳ ନିଯୁକ୍ତି, ରାଜ୍ୟସଭାରେ ଅସମାନ ପ୍ରତିନିଧିତ୍ୱ ପ୍ରଭୃତି । ଏହି ସବୁ ସୂଚନା କରେ ଗୋଟିଏ ଦୃଢ଼ କେନ୍ଦ୍ର ସରକାର ।

ରାଜ୍ୟ ସରକାର କେନ୍ଦ୍ର ସହିତ ପୂର୍ଣ୍ଣ ସହଯୋଗ ସହକାରେ କାର୍ଯ୍ୟ କରିବ । ସମ୍ବିଧାନ ଗଠନରେ ସଂଘୀୟ ଓ କାର୍ଯ୍ୟତଃ ଐକିକ ବ୍ୟବସ୍ଥାପିକା, ପ୍ରଶାସନିକ ଓ ଅର୍ଥନୈତିକ ସଂପର୍କରୁ ଜଣାଯାଏ କେନ୍ଦ୍ର ସରକାର ରାଜ୍ୟ ସରକାର ଠାରୁ ଦୃଢ଼ ଅଟେ । ଦେଶର ଏକତା ଓ ଅଖଣ୍ଡତା ପ୍ରତି ବିପପଦକୁ ଦୃଷ୍ଟିରେ ରଖିବ କେନ୍ଦ୍ରକୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି । ସେଥିପାଇଁ ଗୋଟିଏ ସହଯୋଗୀ ସଂଘୀୟ ବ୍ୟବସ୍ଥା କରାଯାଇଛି ।

ଭାରତର ସାମ୍ବିଧାନିକ କାର୍ଯ୍ୟକାରୀତାରୁ ଲକ୍ଷ୍ୟ କଲେ ଜଣାଯାଏ ଯେ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ସଂପର୍କ ଅତି ଘନିଷ୍ଠ ନୁହେଁ । ରାଜ୍ୟମାନେ ଅଧିକ ସ୍ୱତନ୍ତ୍ର ଦାବି କଲେଣି । ଭାରତ ସରକାର ଦ୍ୱାରା ଅନେକ ଆୟୋଗ ଗଠନ କରାଗଲାଣି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ସଂପର୍କର ପୁର୍ନବିଚାର କରିବା ପାଇଁ । ସରକାରିଆ ଆୟୋଗ ବିଭିନ୍ନ ଅସୁବିଧା ବିଷୟରେ ପରୀକ୍ଷା କରିଛି ଓ ବ୍ୟବସ୍ଥାପକ, ପ୍ରଶାସନିକ ଓ ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ମତାମତ ଦେଇଛି ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧। ଭାରତର ସମ୍ବିଧାନର ଐକିକ ଲକ୍ଷଣ ବିଷୟରେ ଆଲୋଚନା କର ।

୨। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ବ୍ୟବସ୍ଥାପକ ସଂପର୍କ ବିଷୟରେ ସଂକ୍ଷିପ୍ତ ଆଲୋଚନା କର ।

୩। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ଅର୍ଥନୈତିକ ସଂପର୍କ ବିଷୟରେ ଆଲୋଚନା କର ।

୪। ଭାରତୀୟ ସମ୍ବିଧାନ ଗଠନରେ ସଂଘୀୟ କିନ୍ତୁ କାର୍ଯ୍ୟତଃ ଐକିକ ବର୍ଣ୍ଣନା କର ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୮.୧**

୧। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବଣ୍ଟନ
୨। ଲିଖିତ
୩। ୩
୪। ରାଜ୍ୟ
୫। ୪୭

**୮.୨**

୧। ସଂସଦ
୨। କେନ୍ଦ୍ର ସରକାର
୩। ଅସମାନତା

**୮.୩**

୧। ୯୭
୨। କେନ୍ଦ୍ର
୩। ସଂସଦ
୪। ରାଜ୍ୟ

**୮.୪**

୧। କେନ୍ଦ୍ରୀୟ
୨। ଅର୍ଦ୍ଧ
୩। ବୃହତ୍ତ
୪। ସରକାରିଆ

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। ବିଭାଗ ୮. ୧

୨। ବିଭାଗ ୮.୨. ୧

୩। ।ବିଭାଗ ୮. ୨. ୩

୪। ବିଭାଗ ୮. ୧